# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 6 th September – 2025

********************************

## ମୁଖ୍ୟ ସମ୍ବାଦ

- ଟ୍ରିବ୍ୟୁନାଲରେ ଅନୁଷ୍ଠିତ ହେଲା ମହାନଦୀ ଜଳବିବାଦର ଶୁଣାଣି

– ଓଡ଼ିଶା–ଛତିଶଗଡ଼ ମଧ୍ୟରେ ଆପୋଷ ବୁଝାମଣାରେ ସମସ୍ୟାର ସମାଧାନ ପାଇଁ ଆଲୋଚନା ଜାରି

- କୃଷକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାର ଯୋଗାଇବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

- କେନ୍ଦୁଝରରେ ଆରମ୍ଭ ହେବ ଶୂନ୍ୟ ଦୁର୍ଘଟଣା ଦିବସ ଅଭିଯାନ

ଏବଂ

- ଆସନ୍ତାକାଲି ପୂର୍ଣ୍ଣଗ୍ରାସ ଚନ୍ଦ୍ର ଗ୍ରହଣ; ଶ୍ରୀମନ୍ଦିରରେ ହେବ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି

BBSR/R

## ମହାନଦୀ ଜଳ ବିବାଦ

ମହାନଦୀ ଜଳ ବିବାଦ ମାମଲାର ୪୫ତମ ଶୁଣାଣି ଆଜି ହୋଇଛି। ଟ୍ରିବ୍ୟୁନାଲରେ ଓଡ଼ିଶା ପକ୍ଷରୁ ପକ୍ଷ ରଖିବା ପରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗତ ଅଗଷ୍ଟ ମାସ ୨ ତାରିଖରୁ ଏ ପର୍ଯ୍ୟନ୍ତ ଓଡ଼ିଶା ଛତିଶଗଡ଼ ମଧ୍ୟରେ ଆପୋଷ ବୁଝାମଣା ନେଇ ହୋଇଥିବା ଅଗ୍ରଗତି ସମ୍ପର୍କରେ ଟ୍ରିବ୍ୟୁନାଲକୁ ଅବଗତ କରାଯାଇଛି। ଆସନ୍ତା ଅକ୍ଟୋବର ମାସ ୧୧ ତାରିଖ ସୁଦ୍ଧା ବୁଝାମଣାର ଅଗ୍ରଗତି ସମ୍ପର୍କରେ ଜଣାଇବାକୁ ଟ୍ରିବ୍ୟୁନାଲ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲଙ୍କ ସହ ଆଲୋଚନା କରିଛନ୍ତି। ପ୍ରତିପକ୍ଷ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା ହୋଇଛି।  ଗତକାଲି ଦୁଇ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ବୈଷୟିକ ଟିମ୍ ମଧ୍ୟରେ ବିବାଦର ସମାଧାନ ନେଇ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନ ପାଇଁ ଆଲୋଚନା ଜାରି ରହିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଆସନ୍ତା ଅକ୍ଟୋବର ମାସ ୧୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

BBSR/R

## ଦୁର୍ଗାପୂଜା- ସମୀକ୍ଷା ବୈଠକ

ପାର୍ବଣ ଋତୁ ତଥା ଆଗାମୀ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ବୈଠକରେ ଶ୍ରୀ ହରିଚନ୍ଦନ ରାଜ୍ୟରେ ଥିବା ପାଞ୍ଚୋଟି ମହାନଗର ନିଗମ ସମେତ ସମସ୍ତ ପ୍ରମୁଖ ସହର ଓ ଜିଲ୍ଲାଗୁଡ଼ିକର ରାସ୍ତାଘାଟ ସ୍ଥିତିର ଅନୁଧ୍ୟାନ କରିଛନ୍ତି । ବୈଠକ ପରେ ମନ୍ତ୍ରୀ ଆସନ୍ତା ୨୦ ତାରିଖ ସୁଦ୍ଧା ରାସ୍ତା ମରାମତି କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାସ୍ତାର ସ୍ଥାୟିତ୍ୱ ଏବଂ ମରାମତି ସହ ଯେଉଁ ସଂସ୍ଥା ଓ ବିଭାଗମାନେ ରାସ୍ତା ବ୍ୟବହାର କରୁଛନ୍ତି ସେ ନେଇ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ନୀତି ଅଣାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

**- V/O -**

ଆସନ୍ତା ଦୁଇ ଦିନ ମଧ୍ୟରେ ବିଭିନ୍ନ ଅଞ୍ଚଳ ଗସ୍ତ କରି ରାସ୍ତାଗୁଡ଼ିକ ସ୍ଥିତି ବିଷୟରେ ରିପୋର୍ଟ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

BBSR/R

## ମୁଖ୍ୟ ଶାସନ ସଚିବ– ସାର ଯୋଗାଣ

କୃଷକମାନଙ୍କୁ ଆବଶ୍ୟକତା ଅନୁସାରେ ସାର ଯୋଗାଇଦେବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଜିଲ୍ଲାପାଳମାନଙ୍କ ସହ

ସାର ଯୋଗାଣ ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ଆହୁଜା' ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

PR

## ସାର ଯୋଗାଣ

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ ୟୁରିଆ ସାରର ଅଭାବ ନେଇ ଅଭିଯୋଗ ଆସିବା ପରେ ଅଧିକାରୀମାନେ ପରିସ୍ଥିତିର ନିରୀକ୍ଷଣ କରିଛନ୍ତି। ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାର ବଣ୍ଟନ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

Sambalpur

## ମୁଖ୍ୟମନ୍ତ୍ରୀ ସମ୍ବଲପୁର ଗସ୍ତ

ସମ୍ବଲପୁରରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି। ତାଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଯୋଗ ଦେଇଛନ୍ତି। ସମ୍ବଲପୁର ପହଁଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଇଷ୍ଟଦେବୀ ମା' ସମଲେଶ୍ୱରୀ ଓ ପରେ ମା' ପାଟଣେଶ୍ୱରୀଙ୍କ ଦର୍ଶନ କରିଥିଲେ।

Desk

## ଧର୍ମେନ୍ଦ୍ର ପ୍ରଧାନ- ସାମ୍ବାଦିକ ସମ୍ମାନିତ

ଓଡ଼ିଆ ସମାଜର ଗଭୀରତା, ବ୍ୟାପକତା ଓ ବୌଦ୍ଧିକ ଚିନ୍ତନ କ୍ଷମତାକୁ ଜାଣିବା ସହ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ସବୁ ବିଷୟରେ ଆଲୋଚନା ହେବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ

କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଆ ଭାଷାର ଉତ୍କୃଷ୍ଟତା, ଗଭୀରତା ତଥା ମହାପୁରୁଷଙ୍କ ଉତ୍କଣ୍ଠା ଏବଂ ଆନ୍ଦୋଳନ ପାଇଁ ଓଡ଼ିଶା ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟଭାବେ ପ୍ରତିଷ୍ଠିତ ହୋଇପାରିଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଇଥିଲା ।

BBSR/R

## ଶୂନ୍ୟ ଦୁର୍ଘଟଣା

ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଆଇ.ଆଇ.ଟି ମାଡ୍ରାସର ସହଯୋଗରେ କେନ୍ଦୁଝର ଜିଲ୍ଲାରେ ଶୂନ୍ୟ ଦୁର୍ଘଟଣା ଦିବସ ଅଭିଯାନ ଆରମ୍ଭ ହେବାକୁ ଯାଉଛି । କେନ୍ଦୁଝରରେ ୧୪ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନ ଜିଲ୍ଲାରେ ଦୁର୍ଘଟଣା ହ୍ରାସ କରିବା ସହ ସଡ଼କ ସୁରକ୍ଷା ପ୍ରତି ଅଧିକ ସଚେତନତା ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ ଦୃଷ୍ଟିକୋଣ ସହିତ ସଂଯୁକ୍ତ ଏହି ପଦକ୍ଷେପ ପ୍ରଥମେ ଭୁବନେଶ୍ୱରରେ ଆରମ୍ଭ ହୋଇଥିଲା । ଭୁବନେଶ୍ୱରରେ ଏହି ଅଭିଯାନର ସଫଳତା ପରେ କେନ୍ଦୁଝରରେ ଶୂନ୍ୟ ଦୁର୍ଘଟଣା ଦିବସ ଅଭିଯାନ ଆରମ୍ଭ ହେବାକୁ ଯାଉଛି ।

Desk

## ଉପମୁଖ୍ୟମନ୍ତ୍ରୀ- ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମାଣ୍ଡିଆ ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ

ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ନଭେମ୍ବର ୧୦ ଓ ୧୧ ତାରିଖ ଦୁଇଦିନ ଧରି ଅନ୍ତର୍ଜାତୀୟ ପୁଷ୍ଟି ଶସ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ । ଚଳିତ ବର୍ଷର ବିଷୟବସ୍ତୁ ରହିଛି **'କୃଷି ଜୈବ ବିବିଧତା ଓ ଐତିହ୍ୟରେ ମହିଳା କୃଷକଙ୍କ ଅବଦାନ'** । ପୂର୍ବ ବର୍ଷ ଭଳି ବିଭିନ୍ନ ଅଧିବେଶନରେ ବିଶିଷ୍ଟ ଗବେଷକ, ବୈଜ୍ଞାନିକଙ୍କ ଦ୍ୱାରା ଏହା ପରିଚାଳିତ ହେବ । ନିକଟରେ ଏଫ୍.ସି.ଆଇ ରାଜ୍ୟରୁ ମାଣ୍ଡିଆ ଅନ୍ୟ ରାଜ୍ୟକୁ ପ୍ରେରଣ କରିଛି ଏବଂ ପର୍ଯ୍ୟାୟକ୍ରମେ ମୋଟ୍ ୪୦ ହଜାର ମେଟ୍ରିକ ଟନ୍ ମାଣ୍ଡିଆ ଓଡ଼ିଶାରୁ ନେବା ପାଇଁ ଯୋଜନା ରହିଛି ବୋଲି ସୂଚନା ମିଳିଛି । ପ୍ରସ୍ତୁତି ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିବା ସହ ବିଭାଗର ଆଗାମୀ କାର୍ଯ୍ୟପନ୍ଥାର ସୂଚନା ପ୍ରଦାନ କରିଥିଲେ ।

Jharsuguda

## ପୌରପରିଷଦ କାର୍ଯ୍ୟାଳୟ ଶିଳାନ୍ୟାସ

ସହରାଞ୍ଚଳ ବିକାଶ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ଝାରସୁଗୁଡ଼ା ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଝାରସୁଗୁଡ଼ା ପୌରପରିଷଦର ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ ସହ ପ୍ରାୟ ୧୭ କୋଟି ଟଙ୍କାର ୧୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଝାରସୁଗୁଡ଼ା ପୌରାଞ୍ଚଳକୁ ମହାନଗର କରିବା ପ୍ରସ୍ତାବ ବିଚାରଧୀନ ରହିଛି । ଝାଡ଼େଶ୍ୱର ମନ୍ଦିରର ବିକାଶ ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

Balangir

## ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧ ଭାରତ ବର୍ଷକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ଛାତ୍ର ଶକ୍ତିର ପ୍ରମୁଖ ଭୂମିକା ରହିଛି ବୋଲି  ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ବଲାଙ୍ଗୀର ଜିଲ୍ଲାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ରାଜ୍ୟରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ଖୁବ୍‌ଶୀଘ୍ର ସ୍ଥାପନ ହେବା ସହ ରାଜ୍ୟ ସେମିକଣ୍ଡକ୍ଟର ହବ୍‌ରେ ପରିଣତ ହେବ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି।

BBSR/R

## ପୁଲିସ ସର୍ଭିସ ଏକ୍ସାମିନେସନ୍

କମ୍ବାଇଡ୍ ପୁଲିସ ସର୍ଭିସ ଏକ୍ସାମିନେସନ୍-୨୦୨୪ର ତୃତୀୟ ପତ୍ର ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଛି। ଅକ୍ଟୋବର ମାସ ୪ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ୬ ତାରିଖକୁ ଘୁଞ୍ଚା ଯାଇଛି। ତୃତୀୟ ପତ୍ର ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ପରୀକ୍ଷା ଆସନ୍ତା ୬ ତାରିଖରେ ଅନୁଷ୍ଠିତ ହେବ। ଦୁର୍ଗା ପୂଜା ଭସାଣକୁ ଦୃଷ୍ଟିରେ ରଖି ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଥିବା ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି।

Puri

## ଶ୍ରୀମନ୍ଦିର - ସ୍ୱତନ୍ତ୍ର ନୀତିକାନ୍ତି

ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ପାଇଁ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ।  ଏ ନେଇ ଛତିଶାନିଯୋଗ

ଓ ପରିଚାଳନ କମିଟି ବୈଠକରେ ନୀତି ନିର୍ଘଣ୍ଟ ସ୍ଥିରୀକୃତ ହେବା ସହ ଅନୁମୋଦିତ ହୋଇଛି। ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ଅନୁସାରେ, ଆଜି ମଧ୍ୟରାତ୍ର ୨ଟାରୁ ଦ୍ୱାରଫିଟା ଯିବା ସହ ୨ଟା ୪୦ ମିନିଟ୍ ମଧ୍ୟରେ ମଙ୍ଗଳାତୀ ସମ୍ପନ୍ନ ହେବ। ଏହାପରେ ଦୈନିକ ନୀତିକାନ୍ତ କରାଯିବ। ଆସନ୍ତାକାଲି ଶ୍ରୀମନ୍ଦିରରେ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ରହାତୀ ପ୍ରସ୍ତାବ ନୀତି ହେବ। ଦିନ ସାଢ଼େ ୧୨ଟା ସୁଦ୍ଧା ସମସ୍ତ ନୀତିକାନ୍ତି ସମ୍ପନ୍ନ ହେବା ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ଭିତର କାଠ ଦର୍ଶନ ଅନୁଷ୍ଠିତ ହେବ। ରାତି ୯ଟା ୫୭ ମିନିଟ୍ ୨୨ ସେକେଣ୍ଡରେ ଗ୍ରହଣ ସ୍ୱର୍ଶ ହେବା ପରେ ଶ୍ରୀମନ୍ଦିରରେ ଦେବନୀତି ଆରମ୍ଭ କରାଯିବ। ମହାପ୍ରଭୁମାନଙ୍କର ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗନୀତି କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଗ୍ରହଣ ସର୍ବମୋକ୍ଷ ରାତ୍ରି ଗୋଟାଏ ୨୭ ମିନିଟ୍ ୧୭ ସେକେଣ୍ଡରେ ହେବ।

GNR/Nabarangpur/V

# ଡାଏରୀ ଜିଏସ୍‌ଟି ରିଫର୍ମସ

କେନ୍ଦ୍ର ସରକାରଙ୍କ ଦ୍ୱାରା ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାରରେ କରଯାଇଥିବା ପରିବର୍ତ୍ତନ ଆସନ୍ତା ୨୨ ତାରିଖରୁ ଲାଗୁ ହେବ । ଜିଏସଟି ପରିଷଦ ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳୀକରଣ କରି ପୂର୍ବରୁ ଥିବା ଚାରିସ୍ତରୀୟ ଟିକସ ବ୍ୟବସ୍ଥା ୫, ୧୨, ୧୮ ଓ ୨୮ ପ୍ରତିଶତକୁ ହ୍ରାସ କରି ଦୁଇସ୍ତରୀୟ ଅର୍ଥାତ୍ ୫ ଓ ୧୮ ପ୍ରତିଶତ କରିଛି । ଜିଏସଟି ଟିକସ ହାର ଅନେକ ସାମଗ୍ରୀ ଉପରେ ହ୍ରାସ କରାଯାଇଛି । ଔଷଧଠାରୁ ଆରମ୍ଭ

କରି କ୍ଷୀର, କାର୍, ସାବୁନ୍ ଟିକେଟ୍ ଉପରେ ମଧ୍ୟ ଟିକସ ହାର ହ୍ରାସ କରାଯାଇଛି ।

ଜିଏସ୍‌ଟି ସଂସ୍କାର ସମ୍ପର୍କରେ ଜଣେ ଆଇନଜୀବୀ କୁଞ୍ଜ ବିହାରୀ ଦାସ କହିଛନ୍ତି...

**- V/O -**

Desk

# ସଡ଼କ ଦୁର୍ଘଟଣା

ଅନୁଗୁଳ ଜିଲ୍ଲା ସଦର ଥାନା ଖଣ୍ଡହତା ନିକଟରେ ସଡ଼କ ଦୁର୍ଘଟଣାରେ ତିନି ଜଣଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଆଉ ଦୁଇଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ମାମଲାର ତଦନ୍ତ ଜାରି ରଖିଛି।

Desk

# ସଚେତନତା କାର୍ଯ୍ୟକ୍ରମ

କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ଜରାୟୁ କର୍କଟ ଟୀକାକରଣ ଓ ଋତୁସ୍ରାବ ପରିଚ୍ଛନ୍ନତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଲୀଳାବତି ଗୁରୁ ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର କର୍କଟ ରୋଗ ସମ୍ପର୍କରେ ବୁଝାଇଥିଲେ।

Nayagarh

# ଜିଲ୍ଲାସ୍ତରୀୟ କର୍ମଶାଳା

ନୟାଗଡ଼ ବଜେନ୍ଦ୍ର ଉଚ୍ଚବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଦୁଇଦିନିଆ କର୍ମଶାଳା 'ଚାଲ ସୁରକ୍ଷା ଲାଗି କଥା ହେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ ତପସ୍ୱିନୀ ହାଁସଦା ଶୁଭାରମ୍ଭ କରିଥିଲେ । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି, ଉନ୍ନୟନ ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଛାତ୍ରାବାସାର ସୁପରିଚାଳନା ସହ ଅନ୍ତେବାସୀଙ୍କ ସୁରକ୍ଷା ଓ ଶିକ୍ଷା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା ।

***Ganjam***

## ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ମହିଳାମାନଙ୍କ ଉପରେ ଯୌନ ଉତ୍ପୀଡ଼ନ ବିରୁଦ୍ଧରେ ଉଦ୍ଦିଷ୍ଟ ପୋସ୍ ଆକ୍ଟ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଆଡଭୋକେଟ ଅଞ୍ଜଳୀ ଦାସ ପୋସ୍ ଆକ୍ଟର ଆଇନଗତ ଦିଗ ସମ୍ପର୍କରେ ମତପ୍ରକାଶ କରିଥିଲେ ।

***CTC***

## ଆଦି କର୍ମଯୋଗୀ ଅଭିଯାନ

ଧର୍ତ୍ତି ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ଆଦି କର୍ମଯୋଗୀ ଅଭିଯାନ ଉପରେ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଉଦ୍‌ଯାପିତ ହୋଇଯାଇଛି ।

# ଛତର୍ ଯାତ୍ରା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମା' ମାଣିକେଶ୍ୱରୀଙ୍କ ଛତର୍ ଯାତ୍ରା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଅକ୍ଟୋବର ମାସ ୩୦ ତାରିଖ ଛତର୍ ଯାତ୍ରା ଜେନାଖାଲ ପୂଜାର୍ଚ୍ଚନା ସାରି ମନ୍ଦିର ଅଭିମୁଖେ ଶ୍ରଦ୍ଧାଳୁଙ୍କ ଗହଣରେ ଯାତ୍ରା କରିବେ ବୋଲି ଜଣାପଡ଼ିଛି ।